

# ସତ୍ୟବାକ୍ୟ

# THE WORD OF TRUTH

**NOVEMBER & DECEMBER 2018**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-24. Nov. & Dec. 2018. No-6**

*Published every two months in **Oriya** language for the Restoration of the pure New Testament Christianity*


*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XXIV KAKINADA NOV-DEC-2018

**"...ଯେ ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳ ଦିନ ଦେଖିବାକୁ ଇଚ୍ଛା କରେ..."**

**(୧ମ ପିତର ୩:୧୦-୨୧)**

**"....For he that desireth life and see good days..."**

(1 Pet 3:10-12)

ଉପରୋକ୍ତ ପିତରଙ୍କ ଲିଖିତ ବାକ୍ୟ ଦାଉଦଙ୍କ ଗୀତ ସଂହିତା ୩୪ ପର୍ବ ୧୨-୧୬ ପଦରୁ ଆନୀତ । ଏହି ଜଗତରେ ପ୍ରତ୍ୟେକ ସୁଖଭୋଗ କରିବାରେ ଓ ମଙ୍ଗଳ ଦିନ ଦେଖିବାକୁ ଇଚ୍ଛା କରନ୍ତି । ସେପରି ଜୀବନ ନିମନ୍ତେ ଲେଖକ ଏକ ସୁନ୍ଦର ସୂତ୍ର ଏଠାରେ ଉପସ୍ଥାପନ କରନ୍ତି ।

**(କ) ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାରୁ ଆଉ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠାଧରକୁ ନିବୃତ୍ତ କରୁ :-** ଯେ ଜୀବନରେ ସୁଖଭୋଗ କରିବାକୁ ଇଚ୍ଛା କରେ, ସେ ମନ୍ଦ ବାକ୍ୟରୁ ଆପଣା ଜିହ୍ୱାକୁ ନିବୃତ୍ତ କରୁ । କାରଣ ବାକ୍ୟ କହେ (୧) ମରଣ ଜୀବନ ଜିହ୍ୱାର ଅଧୀନ ଯେଉଁମାନେ ତାକୁ ଭଲ ଜାଣନ୍ତି । ସେମାନେ ତାହାର ଫଳ ଭୋଗିବେ । (ହିତ ୧୮:୨୧) । (୨) "ହେ ମୋହର ପୁତ୍ର,... ତୁମ୍ଭ ହୃଦୟକୁ ଅତି ଯତ୍ନକରି ରଖ, ତହିଁରୁ ଜୀବନର ପ୍ରବାହ ଜନ୍ମଇ । ଆପଣା ଠାରୁ କୁଟିଳ ମୁଖ ଦୂର କର ଓ ବକ୍ର ଓଷ୍ଠାଧର ବହୁ ଦୂରରେ ରଖ ।" (ହିତ ୪:୨୦-୨୭) । (୩) ଯାକୁବ କହନ୍ତି, "ସେହିପରି ଜିହ୍ୱା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହା ଗର୍ବର କଥା କହେ, ଦେଖ କେଡ଼େ କ୍ଷୁଦ୍ର ଅଗ୍ନି କଣିକା ଦ୍ୱାରା କେଡ଼େ ବଡ଼ ଅରଣ୍ୟରେ ନିଆଁ ଲାଗିଯାଏ । ଜିହ୍ୱା ମଧ୍ୟ ଅଗ୍ନିସ୍ୱରୂପ, ତାହା ଆମ୍ଭମାନଙ୍କ ଅଙ୍ଗ ସମୂହ ମଧ୍ୟରେ ସମସ୍ତ ଅଧର୍ମରେ ମୂଳାଧାର ସ୍ୱରୂପେ ଅବସ୍ଥିତ, ତାହା ସମସ୍ତ ଶରୀରକୁ ଅଶୁଚି କରେ ଓ ନିଜେ ନରକାନଳରେ ପ୍ରଜ୍ୱଳିତ ହୋଇ ପ୍ରକୃତିର ଚକ୍ରରୁ ଜଳାଏ । କାରଣ ସମସ୍ତ

ପ୍ରକାର ପଶୁ, ପକ୍ଷୀ, ସରୀସୃପ ଓ ଜଳଚର ପ୍ରାଣୀମାନଙ୍କୁ ମାନବ ଦ୍ୱାରା ବଶରେ ରଖାଯାଇପାରେ, ପୁଣି ବଶରେ ରଖାଯାଇଅଛି । କିନ୍ତୁ ଜିହ୍ୱାକୁ କେହି ବଶରେ ରଖିପାରେ ନାହିଁ, ଅନିଷ୍ଟ ସାଧନରେ ତାହାର ବିରାମ ନାହିଁ । ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ । ତଦ୍ୱାରା ଆମ୍ଭେମାନେ ପ୍ରଭୁ ଓ ପିତାଙ୍କର ଧନ୍ୟବାଦ କରି ଥାଉ, ପୁଣି ତଦ୍ୱାରା ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟକୁ ଅଭିଶାପ ଦେଇଥାଉ । ଏକ ମୁଖରୁ ଧନ୍ୟବାଦ ଓ ଅଭିଶାପ ନିର୍ଗତ ହୁଏ । ହେ ମୋହର ଭାଇମାନେ, ଏପରି ହେବା ଉଚିତ ନୁହେଁ ।" (୩:୫-୯) । (୪) "ଯଦି କେହି ଆପଣାକୁ ଧର୍ମପରାୟଣ ବୋଲି ମନେ କରେ, ଆଉ ଆପଣା ଜିହ୍ୱାକୁ ବଶୀଭୂତ ନକରି ନିଜ ହୃଦୟକୁ ପ୍ରବଞ୍ଚନା କରେ, ତାହାର ଧର୍ମପରାୟଣ ବୃଥା ।" (ଯାକୁବ ୧:୨୬) ।

(ଖ) ଯୀଶୁ କହିଲେ, "ଗଛକୁ ଭଲ କୁହ ଓ ତାହାର ଫଳକୁ ଭଲ କୁହ, ନତୁବା ଗଛକୁ ମନ୍ଦ କୁହ ଭଲ କୁହ ଓ ଫଳକୁ ମନ୍ଦ କୁହ, କାରଣ ଫଳ ଦ୍ୱାରା ଗଛ ଚିହ୍ନାଯାଏ । ସେ କାଳ ସର୍ପର ବଂଶ ତୁମ୍ଭେମାନେ ଦୁଷ୍ଟ ହୋଇ କି ପ୍ରକାର ଭଲ କଥା କହିପାର ? କାରଣ ହୃଦୟର ପୂର୍ଣ୍ଣରୁ ମୁଖ କଥା କହେ । ଉତ୍ତମ ଲୋକ ଉତ୍ତମ ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନେ ଯେ କୌଣସି ଅସାର କଥା କହନ୍ତି, ବିଚାର ଦିନରେ ସେମାନେ ସେଥିର ଉତ୍ତର ଦେବେ, ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।" (ମାଥିଉ ୧୨:୩୩-୩୭) ।

ଆମ୍ଭେମାନେ କିପରି ଭାବେ ଜିହ୍ୱା ଦ୍ୱାରା ପାପ କରି ଥାଉଁ ? ମିଥ୍ୟାକୁ ଜିହ୍ୱା ବିଷୟରେ ଜ୍ଞାନୀ ଶଲୋମନ କହନ୍ତି, "ମିଥ୍ୟାବାଦୀ ଓଷ୍ଠ ସଦାପ୍ରଭୁଙ୍କର ଘୃଣା ବିଷୟ, ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହାଙ୍କର ତୃଷ୍ଟିକର ।" (ହିତ ୧୨:୨୨) ।

ଶୟତାନ. "ମିଥ୍ୟାବାଦୀ ଓ ମିଥ୍ୟାବାଦୀରେ ପିତା ।" (ଯୋହନ ୮:୪୪) । ସେ ମିଥ୍ୟା ଦ୍ୱାରା ଆମ୍ଭମାନଙ୍କ ଆଦିମାତା ହବାକୁ ପ୍ରବଞ୍ଚନା କରିବାରୁ ସେମାନେ ନିଷେଧିତ ଫଳ ଖାଇଥିଲେ । "... ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ..." ବୋଲି ପ୍ରକାଶିତ ୨୧:୮ ପଦରେ ପଢ଼ିପାରୁ । ପ୍ରେରିତ

ପାଉଲ ଏଫିସୀ ନଗରସ୍ଥ ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି, "... ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର, କାରଣ ଆମ୍ଭେମାନେ ପରସ୍ପରର ଅଙ୍ଗ ପ୍ରତ୍ୟେଙ୍ଗ ।" (ଏଫିସୀ ୪:୨୫) । "ପରସ୍ପର ମିଥ୍ୟା କୁହ ନାହିଁ, ତୁମ୍ଭେମାନେ ତ ପୁରାତନ ସ୍ୱଭାବ ଓ ସେଥିର କର୍ମ ପରିତ୍ୟାଗ କରି ନୂତନ ସ୍ୱଭାବ ପରିଧାନ କରିଅଛି ...." । (କଲସୀ ୩:୯) । "...ସତ୍ୟ ବିରୁଦ୍ଧରେ ଗର୍ବକର ନାହିଁ, ମିଥ୍ୟା କୁହ ନାହିଁ ।" (ଯାକୁବ ୩:୧୪) । ସଦପ୍ରଭୁ ଛଅଗୋଟି ବିଷୟ ଘୃଣା ବିଷୟ ଘୃଣା କରନ୍ତି, ସେଥିମଧ୍ୟରୁ "ମିଥ୍ୟାବାଦୀ ଜିହ୍ୱା" ଅନ୍ୟତମ । (ହିତ ୬:୧୬) । ଯେଉଁ ସଦାପ୍ରଭୁ ଆବାସରେ ନିବାସ କରିବାନ୍ତି, ଇଚ୍ଛା କରନ୍ତି, ସେ ଅନ୍ତଃକରଣରେ ସତ୍ୟ କହେ, ଆପଣା ଜିହ୍ୱାରେ ଗ୍ଲାନି କରେ ନାହିଁ, କିଅବା ଆପଣା ପ୍ରତିବାସୀ ବିରୁଦ୍ଧରେ ନିନ୍ଦା ପ୍ରକଟ କରେ ନାହିଁ । (ଗୀତ ୧୫:୧-୩) । ଆଦମ ଓ ହବାଙ୍କ ପ୍ରଥମ ପୁତ୍ର କୟିନ ସଦାପ୍ରଭୁଙ୍କୁ ମିଥ୍ୟା କହି ଶାପଗ୍ରସ୍ତ ହୋଇଥିଲା । ମଣ୍ଡଳୀ ସ୍ଥାପନର ପ୍ରାରମ୍ଭ ବେଳାରେ ହନନିୟ ଓ ଶଫୀରରା ମାତ୍ର ଯେଉଁମାନେ ସତ୍ୟ ବ୍ୟବହାର କରନ୍ତି, ସେମାନେ ତାହାଙ୍କର ତୃଷ୍ଟିକର । (ହିତ ୧୨:୨୨) । ପବିତ୍ର ଆତ୍ମା ବିରୁଦ୍ଧରେ ପାପକରି ଆପଣା ଆପଣା ପ୍ରାଣ ହରାଇ ଥିଲେ ।

(୧) **ଗ୍ଲାନି ନ କରୁ :-** "ହେ ଭାଇମାନେ, ତୁମ୍ଭେମାନେ ପରସ୍ପର ଗ୍ଲାନି କର ନାହିଁ...." । (ଯାକୁବ ୫:୯, ୧ମ ୧୦:୧୦) । (କ) "ଅତଏବ ପ୍ରଭୁ ଯେ ମଙ୍ଗଳମୟ,ଏହା ଯଦି ଆସ୍ୱାଦନ କରିଅଛି, ତାହାହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛନ୍ଦ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କର...।" (୧ମ ପିତର ୫:୨) । (ଖ) "ବଚସା ଓ ତର୍କ ବିନା ସମସ୍ତ କାର୍ଯ୍ୟ କର ।" (ଫିଲିପ ୨:୧୫) ।

(୨) **କଳହ :-** "କଳିହୁଡ଼ି ସ୍ତ୍ରୀ ସଙ୍ଗରେ ପ୍ରଶସ୍ତ ଗୃହରେ ବାସ କରିବା ଅପେକ୍ଷା ଛାତ୍ରର ଏକ କୋଣରେ ବାସ କରିବା ଭଲ ।" (ହିତ ୨୧:୯) ।

(୨) ଅସାର ବକୁଆପଣ :- "ହେ ତୀମଥି, ତୁମ୍ଭଠାରେ ଯାହା ସମର୍ପିତ ହୋଇଅଛି, ତାହା ରକ୍ଷାକର, ଅସାର ବକୁଆପଣ ଓ ତଥାତଥିତ ଜ୍ଞାନର ଯୁକ୍ତିତର୍କରୁ ବିମୁଖ ହୁଅ ।" (୧ମ ତୀମଥି ୬:୨୦) ।

(ଗ) "ପୁଣି ଯାହା ଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ ତୁମ୍ଭମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ ।" (ଏଫିସୀୟ ୫:୪) ।

(୨) ଯେ ଜୀବନରେ ସୁଖଭୋଗ କରିବାକୁ ପୁଣି ମଙ୍ଗଳର ଦିନ ଦେଖିବାକୁ ଇଚ୍ଛା କରେ ସେ ମନ୍ଦରୁ ବିମୁଖ ହେଉ ।" ଇଶ୍ରାଏଲର ସୁମଧୁର ଗାୟକ କହନ୍ତି, "ତୁମ୍ଭେ ଦୁଷ୍କର୍ମକାରୀ ମାନଙ୍କ ସକାଶୁ ଆପଣାକୁ ବିରକ୍ତି କର ନାହିଁ ।" (ଗୀତ ୩୭:୧) । "ମନ୍ଦଠାରୁ ଦୂର ହୁଅ ଓ ସୁକର୍ମ କର, ପୁଣି ଅନନ୍ତକାଳ ବାସକର ।" (୩୭:୨୭) । ପରମେଶ୍ୱରଙ୍କ ଦୃଷ୍ଟ ଆୟବ ସିଦ୍ଧ, ସରଳ, ପରମେଶ୍ୱରଙ୍କ ଭୟକାରୀ ଓ କୁକ୍ରିୟା ତ୍ୟାଗୀ ବ୍ୟକ୍ତି ଥିଲେ । (ଆୟୁବ ୧:୧) । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "କୁକ୍ରିୟାରେ ପରାଜିତ ନହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।" (ରୋମୀୟ ୧୨:୨୧) ।

(୩) ଯେ ଜୀବନରେ **ସୁଖଭୋଗ କରିବାକୁ ଇଚ୍ଛା କରେ ସେକର୍ମ କରୁ :-** ଆମ୍ଭମାନଙ୍କ ପିତା ପରମେଶ୍ୱର ସମସ୍ତଙ୍କ ପ୍ରତି ମଙ୍ଗଳମୟ ଅଟନ୍ତି । (ଗୀତ ୧୪୫:୯) ଯୀଶୁଖ୍ରୀଷ୍ଟ ଏହି ଜଗତରେ ମଙ୍ଗଳ ସାଧନା କରୁ ୨ ଶୟତାନ କର୍ତ୍ତୃକ ପ୍ରପୀଡିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ ୨ ସର୍ବତ୍ର ଭ୍ରମଣ କଲେ । (ପ୍ରେରିତ ୧୦:୩୮) । ପର୍ବତ ଉପ ଦେଶରେ ଯୀଶୁ କହିଲେ, ସେହି ପ୍ରକାରେ ତୁମ୍ଭମାନଙ୍କ ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।" (ମାଥିଉ ୫:୧୬) ବିଚାର ଦିନରେ ରାଜା ଆପଣା ଦକ୍ଷିଣ ପାର୍ଶ୍ୱସ୍ଥ ଲୋକମାନଙ୍କୁ କହିବେ, ".....ଆସ ମୋହର ପିତାଙ୍କ ଆଶିର୍ବାଦ ପ୍ରାପ୍ତମାନେ, ତୁମ୍ଭମାନଙ୍କ ନିମନ୍ତେ ପତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି, ସେଥିର ଅଧିକାରୀ ହୁଅ ।"(ମାଥିଉ ୨୫:୩୪) ଯୀଶୁ କହିଲେ, ''ଏଥିରେ ଚମତ୍କୃତ ହୁଅ ନାହିଁ ।'' କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ, ଏବଂ ଯେଉଁମାନେ ସତକର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁତଥାନ ନିମନ୍ତେ ଯେଉଁମାନେ ଅସତକର୍ମ କରି ଅଛନ୍ତି । ସେମାନେ ଦଣ୍ଡର ପୁନରୁଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁଅଛି । (ଯୋହନ ୫:୨୮,୨୯) । ପ୍ରେରିତ ପାଉଲ ତିତସଙ୍କୁ ଲେଖନ୍ତି । ".....ଈଶ୍ୱରଙ୍କଠାରେ ବିଶ୍ୱାସକାରିମାନେ ସମସ୍ତ ସତକର୍ମରେ ବ୍ୟାପୃତ ରହିବାକୁ ମନଯୋଗୀ ହୁଅନ୍ତି । ଏଥି ନିମେନ୍ତ ଏହି ସମସ୍ତ ବିଷୟରେ ଦୃଢ ରୂପେ ଶିକ୍ଷା ଦିଅ ବୋଲି ମୋହର ଇଚ୍ଛା । ଏହି ସମସ୍ତ ବିଷୟ ମନୁଷ୍ୟମାନଙ୍କ ପକ୍ଷରେ ଉତ୍ତମ ଓ ହିତ ଜନକ ।" (ତିତସ ୩:୮) ।

ଯେ ଜୀବନରେ ସୁଖଭୋଗ କରିବାକୁ ଇଚ୍ଛା କରେ ସେ ଶାନ୍ତି ଅନ୍ୱେଷଣ କରି ସେଥିର ଆନୁଗାମୀ ହେଉ :- ଯୀଶୁଖ୍ରୀଷ୍ଟ "ଶାନ୍ତିର ରାଜା" ଅଟନ୍ତି । ତାହାଙ୍କ ଜନ୍ମ ସମୟରେ ଲୂଦଙ୍କ ବାହିନୀ ଈଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ, "ଊର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।" (ଲୂକ ୨:୧୪) । ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି, ଜଗତ ଯେପରି ଦାନ କରେ । ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ... ।" (ଯୋହନ ୧୪:୨୭) । ଜିଖରୟ, ବାପ୍ତିଜକ ଯୋହନଙ୍କ ଜନ୍ମ ସମୟରେ ଭାବବାଣୀ ପ୍ରକଟ କରି କହିଲେ, "ପୁଣି ଆମ୍ଭମାନଙ୍କ ଈଶ୍ୱରଙ୍କର ଯେଉଁ ସ୍ନେହପୂର୍ଣ୍ଣ କରୁଣା ହେତୁ ଆମ୍ଭମାନଙ୍କ ପ୍ରତି ଊର୍ଦ୍ଧ୍ୱରୁ ସୂର୍ଯ୍ୟୋଦୟ ହେବ...।" (ଲୂକ ୨:୭୭-୭୮) ।

ପରମେଶ୍ୱରଙ୍କ ବିରୁଦ୍ଧରେ ଆମ୍ଭେମାନେ ପାପ କରି, ତାହାଙ୍କ ଶତ୍ରୁ ହୋଇଥିଲୁ । କିନ୍ତୁ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ରକ୍ତ ଦ୍ୱାରା ପବିତ୍ରୀକୃତ ହେବା ଦ୍ୱାରା, ତାହାଙ୍କ ସହିତ ଶାନ୍ତି ସ୍ଥାପନ ହୋଇଅଛି । "ପୁଣି ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି,...।" (କଲସୀ ୧:୨୦,୩:୧୫) । "...ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରିବ ।" (ଫିଲିପ ୪:୭) ।

ଶାନ୍ତିବାର୍ତ୍ତା ଈଶ୍ୱର (ରୋମୀୟ ୧୬:୨୦) ଓ ଶାନ୍ତିର ରାଜା ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରନ୍ତି । ଈଶ୍ୱରଙ୍କ ରାଜ୍ୟ ହିଁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାରେ ଆନନ୍ଦ ଅଟେ । (ରୋମୀୟ ୧୪:୧୭,୧୯) ରୋମୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, "ସମ୍ଭବ ହେଲେ ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।" (୧୨:୧୮) ।

ଜୀବନରେ ସୁଖଭୋଗ କରି ମଙ୍ଗଳ ଦିନ ଇଚ୍ଛା କରିବା ପ୍ରତ୍ୟେକେ ଜିହ୍ୱାକୁ ପ୍ରବଞ୍ଚନା ବାକ୍ୟରୁ ନିବୃତ୍ତ କରୁ, ମନ୍ଦରୁ ବିମୁଖ ହୋଇ କରୁ, ଶାନ୍ତି ଅନ୍ୱେଷଣ କରି ସେଥିର ଅନୁଗାମୀ ହେଉ ।

**- Kabita Gootam**

❋ ❋ ❋

# ପୁସ୍ତକ ପ୍ରଜା
## (Book People)

ଭାବବାମୀ ମୋଶାଙ୍କ ସମୟରୁ, ସୈନ୍ୟାଧିପତି ସଦାପ୍ରଭୁ ଲିଖିତ ଭାବେ ଆପଣା ଇଚ୍ଛା ପ୍ରକାଶ କରି ଆସୁଅଛନ୍ତି । ସେ ଆପଣା ଲିଖିତ ପବିତ୍ର ବାକ୍ୟ, ଆମ୍ଭେମାନେ ଅନୁସରଣ କରିବାକୁ ଆଦେଶ ଦେଇଅଛନ୍ତି । ତାହାଙ୍କ ପ୍ରଜାର ଅର୍ଥ, ତାହାଙ୍କ ଲିଖିତ ପୁସ୍ତକର ଅନୁସରଣକାରୀ ।

ଖ୍ରୀ:ପୂ: ୬୨୨ରେ, ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁ ଦତ୍ତ ପୁସ୍ତକରୁ ଅନେକ ଦୂରରେ ଥିଲେ । ସେମାନେ ବିଜାତୀୟ ପ୍ରଥା, ଆଚାର ବ୍ୟବହାରରେ ନିମଗ୍ନ ରହି, ସତ୍ୟ ପରମେଶ୍ୱର ଓ ସତ୍ୟ ଧର୍ମରୁ ବିଚ୍ଛନ୍ନ ହୋଇଥିଲେ । ପରମେଶ୍ୱରଙ୍କ ପୁସ୍ତକ ସେମାନଙ୍କ ବିସ୍ମରଣରେ ନ ଥିଲା ।

ଦିନେ ପରମେଶ୍ୱରଙ୍କ ଯାଜକ ପରମେଶ୍ୱରଙ୍କ ମନ୍ଦିରରେ ପରମେଶ୍ୱରଙ୍କ ବ୍ୟବସ୍ଥାର ସନ୍ଧାନ ପାଇଲେ । "ସେତେବେଳେ ହିଲକିୟ ମହାଯାଜକ ଶାଫନ୍ ଲେଖକଙ୍କୁ କହିଲେ, ଆମ୍ଭେ ସଦାପ୍ରଭୁଙ୍କ ଗୃହରେ ଏହି ବ୍ୟବସ୍ଥା – ପୁସ୍ତକ ପାଇଅଛୁ । ଆଉ ହିଲକିୟ ଶାଫନ୍‌କୁ ସେହି ପୁସ୍ତକ ଦିଅନ୍ତି, ସେ ପାଠ କଲା ! ଏଥିଉତ୍ତାରେ ଶାଫନ୍ ଲେଖକ ରାଜାଙ୍କ ନିକଟକୁ ଆସିଲା ଓ ପୁନର୍ବାର ରାଜାକୁ ସମ୍ବାଦ ଦେଇ କହିଲା, ଆପଣଙ୍କ ଦାସ ଆମ୍ଭେମାନେ ମନ୍ଦିରରେ ପ୍ରାପ୍ତ ସମସ୍ତ ମୁଦ୍ରା ଖାଲି କରି ସଦାପ୍ରଭୁଙ୍କ ଗୃହର ତତ୍ତ୍ୱାବଧାରଣ କର୍ମଚାରୀମାନଙ୍କ ହସ୍ତରେ ସମର୍ପଣ କରିଅଛନ୍ତି । ଆହୁରି ଶାଫନ୍ ଲେଖକ ରାଜାକୁ ଜଣାଇ କହିଲା, ହିଲକିୟ ଯାଜକ ଆମ୍ଭକୁ ଏହି ପୁସ୍ତକ ଦେଇଅଛନ୍ତି ଓ ଶାଫନ୍ ତାହା ରାଜାଙ୍କ ସାକ୍ଷାତରେ ପାଠ କଲା, ଏଥିରେ ରାଜା ସେହି ବ୍ୟବସ୍ଥା ପୁସ୍ତକର ବାକ୍ୟ ଶ୍ରବଣ କରନ୍ତେ, ଆପଣା ବସ୍ତ୍ର ଚିରିଲେ ।" (୨ୟ:ରା: ୨୨:୮-୧୧) । ଏହି ପୁସ୍ତକର ସନ୍ଧାନ ପାଇବା ପରେ ଅନେକ ଘଟଣା ଘଟିଥିଲା, ଯାହାକି ଇଶ୍ରାଏଲ ଜୀବନରେ ପରିବର୍ତ୍ତନ ଆସିଥିଲା । ଈଶ୍ୱରଙ୍କ ପୁସ୍ତକ କି ଆପଣଙ୍କ ଗୃହରେ ସ୍ଥାନ ପାଇଅଛି ।

ପୁସ୍ତକ ସନ୍ଧାନ ପାଇବା ପରେ, ଇଶ୍ରାଏଲୀୟମାନଙ୍କ ମଧ୍ୟରୁ ଅନେକେ ତାହା ପଢ଼ି, ତାହାର ପ୍ରଧାନ୍ୟତା ବିଷୟରେ ଜ୍ଞାତ ହୋଇଥିଲେ । ଅନେକେ ପୁସ୍ତକ ପଢ଼ିବା ମୂର୍ଖାମୀର ବିଷୟ ବୋଲି ମନେ କରନ୍ତି, କିନ୍ତୁ ପୁସ୍ତକ ପଢ଼ିବା ଦ୍ୱାରା ହିଁ,

ଲିଖିତ ବିଷୟର ଗମ୍ଭୀରତା ଜ୍ଞାତ ହୋଇ ପାରିବା । ଏତଦ୍ୱାରା ଆମ୍ଭମାନଙ୍କ ଜୀବନର ପଥ ସୁଗମ ହୁଏ ।

ଧର୍ମଶାସ୍ତ୍ରର ବାକ୍ୟ ଗୁଡ଼ିକ ଶ୍ରବଣ କରି, ରାଜା ବସ୍ତ୍ର ଚିରିଲେ । ଲିଖିତ ବାକ୍ୟ ସକଳ ତାହାଙ୍କ ନିମନ୍ତେ ଓ ତାହାଙ୍କ ପ୍ରଜାମାନଙ୍କ ନିମନ୍ତେ ଲିଖିତ ହୋଇଅଛି ଓ ସେମାନେ ସଦାପ୍ରଭୁଙ୍କ ଦ୍ୱାରା ଦତ୍ତ ଆଜ୍ଞାସକଳ ପାଳନ୍ ନ ଥିବାରୁ ସେ ବସ୍ତ୍ର ଚିରି ଆପଣା ଦୁଃଖ ପ୍ରକଟ କରିଥିଲେ । ସଦାପ୍ରଭୁଙ୍କ ପୁସ୍ତକ ପଢ଼ି ଆପଣଙ୍କ ହୃଦୟ କି ବିଦୀର୍ଣ୍ଣ ହୁଏ ? ଶେଷରେ, **ଯୋଶିୟ** ରାଜା ଓ ତାହାଙ୍କ ପ୍ରଜାମାନେ ପୁସ୍ତକରେ ଲିଖିତ ଆଜ୍ଞା ଗୁଡିକ ପାଳନ କଲେ । ଦେଶରେ ଥିବା ଅନ୍ୟ ଦେବତାମାନଙ୍କ ପ୍ରତିମା ଓ ସେମାନଙ୍କ ଯଜ୍ଞବେଦି କ୍ରମଶଃ ଧ୍ୱଂସ କଲେ । ସଦାପ୍ରଭୁଙ୍କ ଲିଖିତ ସମସ୍ତ ଆଜ୍ଞା ପାଳନରେ ସେମାନେ ଆପଣା ମନନିବେଶ କଲେ ।

ଏହି ପୁରାତନ ନିୟମର ଘଟଣାରୁ, ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ କଅଣ ଚାହାନ୍ତି ଜାଣିପାରୁ । ଈଶ୍ୱର ପୁସ୍ତକର ଅନ୍ୱେଷଣ କରୁ, ପଠନ କରୁ । ହୃଦୟ ପରିବର୍ତ୍ତନ କରି, ତାହାଙ୍କ ଆଜ୍ଞାବହ ହେଲେ ରାଜା ଯୋଶିୟ ସଦୃଶ୍ୟ ସଦାପ୍ରଭୁ ଆମ୍ଭମାନଙ୍କୁ ନିଶ୍ଚିତଭାବେ ଆଶୀର୍ବାଦ କରିବେ ।

**- Dan R. Owevn**

❋ ❋ ❋

## ଶୟତାନ କିଏ ?
## (Who is Satan)

"ସେଥିରେ ସର୍ବ ଜଗତରେ ପ୍ରବଞ୍ଚକ, ଦିଆବଳ ଓ ଶୟତାନ ନାମରେ ଖ୍ୟାତି ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା ।" (ପ୍ରକାଶିତ ୧୨:୯) ।

ଶୟତାନ କିଏ ? **ଶୟତାନ** କିଅବା ଦିଆବଳ ବିଷୟରେ ଅନେକଙ୍କ କହିବା ଶୁଣି ଥାଉଁ, ସେ କେବଳ ଏକ ଦୁଷ୍ଟ ପ୍ରଭାବ କିଅବା ଜୀବନ୍ତ ବ୍ୟକ୍ତି ? ସେ କେଉଁଠୁଁ ଆସିଲା ? ତାହାକୁ କିଏ ସୃଷ୍ଟି କଲେ ? ସେ କି ଏକ ପରମେଶ୍ୱର, ଆମ୍ଭମାନଙ୍କ ପିତା ପରମେଶ୍ୱରଙ୍କ ସମତୁଲ୍ୟ ? କିଅବା ପରମେଶ୍ୱର ଠାରୁ ନ୍ୟୁନ ?

ପରମେଶ୍ୱର ଏକ କିରୂପକୁ (Cherub)କୁ କହିଲେ, "... ତୁମ୍ଭେ ଜ୍ଞାନରେ ପୂର୍ଣ୍ଣ ଓ ସୌନ୍ଦର୍ଯ୍ୟରେ ସିଦ୍ଧ, ଉଭୟର ମୁଦ୍ରାଙ୍କ କରୁଅଛି । ତୁମ୍ଭ ପରମେଶ୍ୱରଙ୍କ ଉଦ୍ୟାନରେ ଥିଲ, ପୁଣି, ପୀତମଣି ଓ ହୀରକ, ବୈଦୂର୍ଯ୍ୟମଣି, ଗୋମେଦକ ସୂର୍ଯ୍ୟକାନ୍ତ, ନୀଳକାନ୍ତ, ପଦ୍ମରାଗ ଓ ମରକତ ଆଦି ବଡ଼ ବହୁମୂଲ୍ୟ ପ୍ରସ୍ତର ଓ ସୁବର୍ଣ୍ଣ ତୁମ୍ଭର ଆଚ୍ଛାଦନ ଥିଲା, ତୁମ୍ଭର ତବଲ ଓ ବଂଶୀର ଶିଳ୍ପକାର୍ଯ୍ୟ ତୁମ୍ଭ ମଧ୍ୟରେ ଥିଲା, ତୁମ୍ଭେ ସୃଷ୍ଟ ହେବା ଦିନ ସେସବୁ ପ୍ରସ୍ତୁତ ହୋଇଥିଲା, ତୁମ୍ଭେ ଆଚ୍ଛାଦନକାରୀ ଅଭିଷିକ୍ତ କିରୂପ ଥିଲ, ପୁଣି ଆମ୍ଭେ ତୁମ୍ଭକୁ ସ୍ଥାପନ କଲୁ, ତହିଁରେ ତୁମ୍ଭେ ପରମେଶ୍ୱରଙ୍କ ପବିତ୍ର ପର୍ବତ ଉପରେ ଥିଲ, ତୁମ୍ଭେ ଅଗ୍ନିମୟ ପ୍ରସ୍ତର ସକଳର ଅଧରେ ଗମନାଗମନ କଲ । ତୁମ୍ଭ ମଧ୍ୟରେ ଅଧର୍ମ ଦେଖାଯିବା ପର୍ଯ୍ୟନ୍ତ ତୁମ୍ଭେ ଆପଣା ସୃଷ୍ଟି ଦିନଠାରୁ ଆପଣା ଆଚରଣରେ ସିଦ୍ଧ ଥିଲ ...।" (ଯିହିଜିକଲ ୨୮:୧୨-୧୫)।

"ହେ ଲୁଶିଫରା ପ୍ରତ୍ୟୁଷର ପୁତ୍ର । ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ । ଗୋଷ୍ଠୀଗଣକୁ ତୁମ୍ଭେ ଯେ ନତ କରିଥିଲ, ତୁମ୍ଭେ କିପରି ଭୂମିରେ ନିକ୍ଷିପ୍ତ ହେଲ । ପୁଣି, ତୁମ୍ଭେ ମନେ ମନେ କହିଥିଲ, ଆମ୍ଭେ ସ୍ୱର୍ଗାହରଣ କରିବେ । ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରର ଉର୍ଦ୍ଧ୍ୱରେ ଆପଣା ସିଂହାସନ ଉଚ୍ଚୀକୃତ କରିବା, ଆମ୍ଭେ ଉତ୍ତର ଦିଗର ପ୍ରାନ୍ତସ୍ଥିତ ସମାଗମ ପର୍ବତରେ ଉପବିଷ୍ଟ ହେବା । ଆମ୍ଭେ ମେଘମାଳର ଉଚ୍ଚସ୍ଥଳୀ ଉର୍ଦ୍ଧ୍ୱକୁ ଆରୋହଣ କରିବା, ଆମ୍ଭେ ସର୍ବୋପରିସ୍ଥଙ୍କ ତୁଲ୍ୟ ହେବା ।" (ଯିଶାଇୟ ୧୪:୧୨-୧୪)।

ଆପଣାକୁ ପରମେଶ୍ୱରଙ୍କ ସମତୁଲ୍ୟ ମନେ କରିବା ପୂର୍ବେ ଶୟତାନର କିଅବା ଲୁଶିଫର ସ୍ଥିତି, ସେ ଏକ 'କୀରୂପ' ବର୍ଗର ଆତ୍ମା । ସେ ଏକ ଅଭିଷିକ୍ତ କିରୂପ ରୂପେ ବର୍ଣ୍ଣନା କରାଯାଇଥିଲା । ପରମେଶ୍ୱର ତାହାକୁ ପବିତ୍ର ପର୍ବତର ଏକ ସିଦ୍ଧ ବ୍ୟକ୍ତି ରୂପେ ବର୍ଣ୍ଣନା କରନ୍ତି । ତାହାର ଉଦନ ଉଦ୍ୟାନରେ ମଧ ସ୍ଥିତି ଥିଲା । କିନ୍ତୁ ତାହାର ଚିତ୍ତ ଗର୍ବାନ୍ୱିତ ହେଲା, ସେ 'ସର୍ବୋପରିସ୍ଥିତ ତୂଲ୍ୟ' ହେବାକୁ ମନରେ ଭାଳିଲା ।

ଶୟତାନର ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କରିବାର ପରିଣାମ ବିଷୟରେ ବାକ୍ୟ କହେ, "ପୁଣି ଯେଉଁ ଦୂତମାନେ ଆପଣା ଆପଣା ଉଚ୍ଚପଦ ନ ରଖି ନିଜ ନିଜ ବାସସ୍ଥାନ ପରିତ୍ୟାଗ କଲେ । ସେମାନଙ୍କୁ ସେ ମହା ବିଚାରଦିନ ପର୍ଯ୍ୟନ୍ତ ଚିରସ୍ଥାୟୀ ବନ୍ଧନରେ ଆବଦ୍ଧ କରି ଅନ୍ଧକାରମୟ ସ୍ଥାନରେ ରଖି ଅଛନ୍ତି ।" (ଯିହୂଦା-୬) ।

"ତତ୍ପରେ ସେ ବାମପାର୍ଶ୍ୱସ୍ଥ ଲୋକଙ୍କୁ ମଧ୍ୟ କହିବେ, ରେ ଶାପଗ୍ରସ୍ତମାନେ, ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର ।" (ମାଥିଉ ୨୫:୪୧) ।

ଶୟତାନ, ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କଲା । ତାହାର ପ୍ରବାବରେ ଅନେକ ଦୂତଗଣ ସଦାପ୍ରଭୁ ପରମେଶ୍ୱରଙ୍କୁ ସଦାପ୍ରଭୁଙ୍କ ବାକ୍ୟ ମାନ୍ୟ କରିବାକୁ କିଅବା ଅମାନ୍ୟ କରିବାକୁ ସ୍ୱେଚ୍ଛାଧିନ ବୋଲି ଜାଣିପାରୁ । କିନ୍ତୁ ଯେତେବେଳେ ସେମାନେ ଅମାନ୍ୟ କଲେ । ସେମାନଙ୍କ ନିମନ୍ତେ ଅନନ୍ତ ଅଗ୍ନି ପ୍ରସ୍ତୁତ କରାଗଲା । ଅନନ୍ତ ଅଗ୍ନି ଶୟତାନ ଓ ତାହାର ଅନୁଚରମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଅଛି, କିନ୍ତୁ ଅନୁଷ୍ୟମାନଙ୍କ ନିମନ୍ତେ ନୁହେଁ ।

ପରମେଶ୍ୱରଙ୍କ ନିବାସ ସ୍ଥଳରେ ପାପ କିଅବା ପାପୀ ନିମନ୍ତେ ସ୍ଥାନ ନାହିଁ । ପାପ ପତିତ ଦୂତମାନେ ପରମେଶ୍ୱରଙ୍କ ସାନିଧ୍ୟରୁ ତାଡିତ ହେଲେ । "ତତ୍ପରେ ସ୍ୱର୍ଗରେ ଯୁଦ୍ଧ ହେଲା, 'ମୀଖାୟେଲ ଓ ତାହାଙ୍କ ଦୂତମାନେ ସେହି ସର୍ପ ସହିତ ଯୁଦ୍ଧ କଲେ । ସେଥିରେ ସେହି ସର୍ପ ଓ ତାହାର ଦୂତମାନେ ମଧ୍ୟ ଯୁଦ୍ଧ କଲେ । କିନ୍ତୁ ସେମାନେ ଜୟ କରି ପାରିଲେ । ସେଥିରେ ପୁଣି ସ୍ୱର୍ଗରେ ସେମାନେ ଆଉ ସ୍ଥାନ ପାଇଲେ ନାହିଁ । ସେଥିରେ ସର୍ବଜଗତରେ ପ୍ରବଞ୍ଚକ, ଦିଆବଲ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେହି ପୁରାତନ ନାଗ, ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା । ସେତେବେଳେ ମୁଁ ସ୍ୱର୍ଗରେ ଏହି ଉଚ୍ଚସ୍ୱର ଶୁଣିଲି, ବର୍ତ୍ତମାନ ଆମ୍ଭମାନଙ୍କ ଈଶ୍ୱରଙ୍କ ପରିତ୍ରାଣ, ପରାକ୍ରମ ଓ ରାଜ୍ୟ ପୁଣି ତାହାଙ୍କ ଖ୍ରୀଷ୍ଟଙ୍କର କର୍ତ୍ତାପଣ ଉପସ୍ଥିତ ହୋଇଅଛି, କାରଣ ଆମ୍ଭମାନଙ୍କ ଭ୍ରାତୃଗଣର ଅପବାଦକ, ଯେ ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ଆମ୍ଭମାନଙ୍କ ଈଶ୍ୱରଙ୍କ ଛାମୁରେ ଅଭିଯୋଗ କରୁଥିଲା, ସେ ତଳେ ନିକ୍ଷିପ୍ତ

ହୋଇଅଛି ।" (ପ୍ର.ବା. ୧୨:୭-୧୦) ।

ଏହି ପଦଗୁଡ଼ିକରୁ ସ୍ୱର୍ଗରେ ଏକ ଯୁଦ୍ଧ ଘଟିଥିଲା ବୋଲି ଜାଣିପାରୁ । ଯୁଦ୍ଧରେ ମୀଖାୟେଲ ଓ ତାହାଙ୍କ ସହ ଦୂତମାନେ, ଶୟତାନ ଓ ତାହାର ସଙ୍ଗୀମାନଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ । ଅନାଜ୍ଞାବହ ଆତ୍ମାଗଣ ପୃଥିବୀରେ ନିକ୍ଷିପ୍ତ ହେଲେ, ସେ ବୁଣୁଥିବା ପ୍ରଲୋଭନରୂପ ଜାଲରେ କିଏ ପଡିବ, ସେମାନଙ୍କୁ ଏହି ଜଗତରେ ଖୋଜି ବୁଲୁଛି ।

ଏଫିସୀ ୨:୧-୩ ପଦଗୁଡିକ ପାଉଲ, ଶୟତାନ (ଆତ୍ମା) ଅନାଜ୍ଞବହ ସନ୍ତାନମାନଙ୍କ ଠାରେ କାର୍ଯ୍ୟ କରୁଅଛି ବୋଲି କହି ଅଛନ୍ତି । ଅର୍ଥାତ୍ ଶୟତାନ ଏକ ଦୁଷ୍ଟ ଆତ୍ମା ଓ ତାହାର ମନୁଷ୍ୟରୂପ ଶରୀର ନାହିଁ । ତାହାକୁ ଆମେ ଦେଖି ନପାରୁ । କିନ୍ତୁ ସେ ମନୁଷ୍ୟମାନଙ୍କୁ ଦୁଷ୍ଟତାର କଡାଇ ନେଉଅଛି । ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ଠାରୁ ଦୂରେଇ ନେବା ତାହାର ଲକ୍ଷ୍ୟ । ଅନାଜ୍ଞାବହ ମନୁଷ୍ୟମାନେ ଶୟତାନର ଅନୁଚର ।

ଶୟତାନ ଏକ ଶକ୍ତିବାନ ଆତ୍ମା, କିନ୍ତୁ ପରମେଶ୍ୱରଙ୍କ ସମତୁଲ୍ୟ ଶକ୍ତିବାନ ନୁହେଁ । ସେ ପରମେଶ୍ୱରଙ୍କ ସଦୃଶ୍ୟ ସର୍ବଶକ୍ତିମାନ ନୁହେଁ । ପରମେଶ୍ୱର ଓ ମନୁଷ୍ୟମାନେ ତାହାକୁ କାର୍ଯ୍ୟ କରିବାକୁ ଅନୁମତି ଦେବା ଅନୁସାରେ ସେ କାର୍ଯ୍ୟ କରିପାରେ, ଅର୍ଥାତ୍ ସେ ଆମ୍ଭମାନଙ୍କ ଶରୀରରେ ପ୍ରବେଶ କରି, ତାହାର ଇଚ୍ଛାନୁସାରେ କାର୍ଯ୍ୟ କରିପାରେ ନାହିଁ । ସେ ଆମ୍ଭମାନଙ୍କୁ ପ୍ରଲୋଭିତ କରେ, କିନ୍ତୁ ପାପ କରାଇ ପାରେନାହିଁ । ମନୁଷ୍ୟ ପ୍ରଲେଭିତ ହୋଇ, ଆଜ୍ଞା ଲଙ୍ଘନ କରେ ଓ ଆଜ୍ଞା ଲଙ୍ଘନ କରିବା ହିଁ ପାପ । ଯାକୁବ- ୪:୭ ପଦରେ ଲେଖାଯାଏ, "ଶୟତାନର ପ୍ରତିରୋଧ କର ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ'' । ଶୟତାନକୁ ପ୍ରତିରୋଧ କରିବାର ଶକ୍ତି, ସଦାପ୍ରଭୁଙ୍କଠାରୁ ଓ ତାହାଙ୍କ ବାକ୍ୟ ବିଷୟକ ଜ୍ଞାନରୁ ଆସେ ।

ମନୁଷ୍ୟମାନଙ୍କ ସହ ଶୟତାନର ପ୍ରଥମ ଯୁଦ୍ଧ ଓ ବିଜୟ ବିଷୟରେ ଆମ୍ଭେମାନେ ସମସ୍ତେ ଜାଣୁ । ପ୍ରଥମ ମନୁଷ୍ୟ ଆଦମ ଓ ତାହାଙ୍କ ଭାର୍ଯ୍ୟା ହବା, ସଦାପ୍ରଭୁଙ୍କ ସୃଷ୍ଟି ସୁନ୍ଦର ଏଦନ ଉଦ୍ୟାନରେ ବାସ କରୁଥିଲେ । ସେହି ସୁନ୍ଦର ଉଦ୍ୟାନରେ ଶୟତାନ ଏକ ସର୍ପରୂପ ଧାରଣ କରି ହବାକୁ ପ୍ରଶ୍ନ କରିଥିଲେ । "... ଆଗୋ ଏ କି

ସତ୍ୟ, ଉଦ୍ୟାନର କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?" (ଆଦି ୩:୧) ।

ପରମେଶ୍ୱର ଦତ୍ତ ଆଜ୍ଞା ବିଷୟରେ ପରମେଶ୍ୱର ଜ୍ଞାତ ଥିଲେ । "ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରିପାର । ମାତ୍ର ସତ୍‌ସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ ।" (ଆଦି ୨:୧୬-୧୭) । ଏହି ଆଜ୍ଞା ବିଷୟରେ ହବା ଜ୍ଞାତ ଥିଲେ, ତଥାପି ସେ ଶୟତାନର ପ୍ରଲୋଭନରେ ପ୍ରଲୋଭିତ ହୋଇ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କଲେ । ହବାଙ୍କ ଦୃଷ୍ଟିରେ ସେହିଫଳ "ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀକୁ ଦିଅନ୍ତି, ସେ ମଧ୍ୟ ଖାଇଲେ ।" (ଆଦି ୩:୫-୬) ।

ହବା ପ୍ରଲୋଭିତ ହୋଇ ଫଳ ଖାଇଲେ ଓ ଆଦମକୁ ଦେଲେ, ଏଠାରେ ଆଦମ ଆପଣା ପରିବାର ଆତ୍ମିକ ନେତାରୂପେ ବିଫଳ ହେଲେ । ପିତାମାନେ ପରିବାରର ଆତ୍ମିକ ନେତା ଅଟନ୍ତି, ସେମାନେ ଆପଣା ଆପଣା ପରିବାରକୁ ଶୟତାନର ପ୍ରଲୋଭନରୁ ସୁରକ୍ଷା କରିବା ଆବଶ୍ୟକ । ସେମାନଙ୍କ ପାପ ହେତୁ ସଦାପ୍ରଭୁ ସେମାନଙ୍କୁ ଏଦନ ଉଦ୍ୟାନରୁ ତଡି ଦେଲେ ।

ଶୟତାନ, ମନୁଷ୍ୟମାନଙ୍କୁ ପଥଭ୍ରଷ୍ଟ କରିବାର ଅନେକ ଉଦାହରଣ ଆମ୍ଭେମାନେ ବାଇବଲରେ ପଢ଼ିପାରୁଁ । ଶୟତାନର କୁଟିଳତା ଦ୍ୱାରା, ହବା ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କରି ପାପ କଲେ । କୁଟିଳତା ଶୟତାନର ଏକ ପ୍ରଧାନ ଅସ୍ତ୍ର ।

ଆୟୁବଙ୍କ ଜୀବନରେ ଅନେକ କଷ୍ଟ, ସମସ୍ୟା ସୃଷ୍ଟିର କରି, ପରମେଶ୍ୱରଙ୍କ ନିକଟରୁ ଦୂରେଇ ନେବାରେ ଚେଷ୍ଟା କରିଥିଲା । କିନ୍ତୁ ଶୟତାନର ଚତୁରତା ବିଫଳ ହେଲା । ଆୟୁବ ସଦାପ୍ରଭୁଙ୍କ ପରିତ୍ୟାଗ କରି ନଥିଲେ । (ଆୟୁବ ୧,୨) । ପରମେଶ୍ୱରଙ୍କୁ ପରିତ୍ୟାଗ କରିବାରେ ଦୁଃଖ, କଷ୍ଟ, ସମସ୍ୟା ଏବେ ମଧ୍ୟ ଶୟତାନର ଅସ୍ତ୍ର ।

ଯିହୂଦା ଓ ହନନିୟ ଶୟତାନର ପ୍ରଲୋଭନକୁ ପ୍ରତିରୋଧ କରି ନ ଥିଲେ । ଶୟତାନ, ଯିହୂଦାକୁ ଈଶ୍ୱରଙ୍କ ପୁତ୍ରଙ୍କ ପ୍ରତାରଣା କରିବାରେ ସଫଳ ହୋଇଥିଲା । (ଯୋହନ ୧୩:୨) । ପ୍ରଥମ ଶତାବ୍ଦୀର ହନନିୟ ନାମକ ଏକ ଖ୍ରୀଷ୍ଟିୟାନ ଶୟତାନର ପ୍ରଭାବରେ ପବିତ୍ର ଆତ୍ମାକୁ ମିଥ୍ୟା କହିଥିଲେ । (ପ୍ରେରିତ ୫:୩) । ମିଥ୍ୟା, ଶୟତାନର ଏକ ଅସ୍ତ୍ର ଯାହା ସେ ପ୍ରତିଦିନ ବ୍ୟବହାର କରେ । ପ୍ରତ୍ୟେକ ମିଥ୍ୟାବାଦୀ ନରକରେ ନିକ୍ଷିପ୍ତ ହେବେ । ସାବଧାନ, ଶୟତାନ ଆପଣା ସଙ୍ଗେ ଅନେକ ଆତ୍ମାମାନଙ୍କୁ ନରକରେ ନେବା ନିମନ୍ତେ ଚେଷ୍ଟା କରୁଛନ୍ତି ।

ଯୀଶୁଖ୍ରୀଷ୍ଟ, ପ୍ରାନ୍ତରେ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥିଲେ । ସେ ଧର୍ମଶାସ୍ତ୍ରର ବାକ୍ୟ ବ୍ୟବହାର କରି ବିଜୟୀ ହୋଇଥିଲେ । (ଲୂକ ୪:୧-୩) । ଆସ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆପଣା ଚତୁରତାରୁ ବିଜୟୀ ହେଉଁ ।

ଶୟତାନ ନିଜେ ଦୀପ୍ତିମୟ ଦୂତ ବେଶ ଧାରଣ କରି, ମନୁଷ୍ୟମାନଙ୍କୁ ପ୍ରତାରଣା କରେ । (୨ୟ କରିନ୍ଥୀ ୧୧:୧୩-୧୫) । ଆମ୍ଭେମାନେ ସତ୍ୟ ଜାଣିବା ନିମନ୍ତେ, ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରୁ । ଏହା ଏକ ମାତ୍ର ମାର୍ଗ ଯାହା ଦ୍ୱାରା ଆମ୍ଭେମାନେ ଶୟତାନର ଚତୁରତା ବିଷୟରେ ଜାଣି ପାରିବା ।

ନୂତନ ନିୟମରେ ଶୟତାନର ବିଷୟରେ ଅନେକ ଚେତାବନୀ ଦିଆଯାଇଅଛି । "... ତୁମ୍ଭମାନଙ୍କର ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮) ।

ଆମ୍ଭମାନଙ୍କ ଆପଣା ସୁରକ୍ଷା ନିମନ୍ତେ ଆମ୍ଭେମାନେ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରୁ । ଶୟତାନର ପରୀକ୍ଷାରୁ ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ସୁରକ୍ଷା କରେ । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ଢାଲ ଓ ଦୃଢ଼ଗଡ ।

**- Betty Choate**

❋ ❋ ❋

# ସ୍ୱର୍ଗୀୟ ମହିମାର ଏକ ଆଭାସ

## (Heaven, Glimpses of Glory)

ଦିନାବସାନର ଶୀତଳ ସମୟରେ ଆମ୍ଭମାନଙ୍କ ପିତା ପରମେଶ୍ୱର, ଆମ୍ଭମାନଙ୍କ ଆଦି ପିତା ଓ ମାତା ସହ, ସୁନ୍ଦର ଏଜନ ଉଦ୍ୟାନରେ କଥୋପକଥନ କରୁଥିଲେ । (ଆଦି ୧,୨,୩) । ସୀନୟ ପର୍ବତର ଶୈଳର ଛିଦ୍ରାରୁ, ମୋଶା ସଦାପ୍ରଭୁଙ୍କ ଗୌରବମୟ ମହିମାର ପୃଷ୍ଠର ଆଭାସ ଦେଖିଥିଲେ । ଯୀଶୁଖ୍ରୀଷ୍ଟଙ୍କ ସନ୍ନିହିତ ଶିଷ୍ୟଗଣ ପିତର, ଯୋହନ ଓ ଯାକୁବ ସେ ରୂପାନ୍ତରିତ ହେବା ସମୟରେ ପର୍ବତ ଉପରେ ତାହାଙ୍କ ମହିମା ଦେଖିଥିଲେ । (ମାଥିଉ ୧୭:୧) । ପ୍ରସ୍ତରାଘାତରେ ମୃତ୍ୟୁ ଭୋଗିବା ପୂର୍ବେ ସ୍ତିଫାନ୍, "... ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ଆଉ ଇଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଇଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିଲେ... ।" (ପ୍ରେ.କା. ୭:୫୫) । ମହାମହିମଙ୍କ ଗୌରବ ଦେଖି ସ୍ତିଫାନ ଆପଣା ପ୍ରଭୁ ନିମନ୍ତେ ହତସାକ୍ଷୀ ହେଲେ । ସେ ଯୀଶୁଖ୍ରୀଷ୍ଟଙ୍କୁ ଇଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିଲେ । (୫୬ମ) । ପ୍ରେରିତ ପାଉଲ ଦାମ୍ମେସକର ରାସ୍ତାରେ ପୁନଃରୁତ୍ଥିତ ତ୍ରାଣକର୍ତ୍ତାଙ୍କ ମହିମା ଦେଖିଥିଲେ । କେତେ ବର୍ଷପରେ ସେ ତୃତୀୟ ସ୍ୱର୍ଗରେ ଆରୋହଣ ହୋଇ ଇଶ୍ୱରଙ୍କ ମହିମାର ଆଭାସ ପାଇଥିଲେ । ଉପରୋକ୍ତ ଘଟଣାରେ ସେମାନେ କେବଳ ଅଳ୍ପକ୍ଷଣ ନିମନ୍ତେ ଆଭାସ ପାଇଥିଲେ । କିନ୍ତୁ ଆମ୍ଭେମାନେ ବିଶ୍ୱସ୍ତ ଜୀବନଯାପନ କଲେ, ସେହି ମହିମାମୟ ସ୍ଥାନରେ ଅନନ୍ତଜୀବନ ବିତାଇ ପାରିବା ।

**ବିଶ୍ରାମର ଏକ ଆଭାସ :-** ଯୀଶୁ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଉପରେ ପୁଣି, ମୋ ନିକଟକୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦) । ଏହି ବାକ୍ୟରେ 'ଉଶ୍ୱାସ' ପଦ ଦୁଇଥର ବ୍ୟବହାର କରନ୍ତି । (୧) ପାପଭାରରୁ ମୁକ୍ତି ପାଇ ବିଶ୍ରାମ ପାଇବ । (୨) ସ୍ୱର୍ଗୀୟ ବିଶ୍ରାମ । ଏହି ଜାଗିତିକ ଓ ସ୍ୱର୍ଗୀୟ ବିଶ୍ରାମ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରତିଜ୍ଞାତ ହୋଇଅଛି । ଥେସଲନୀକୀରେ ଥିବା ତାଡିତ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଲେଖନ୍ତି, "କାରଣ ପ୍ରଭୁ ଯୀଶୁ ଯେତେବେଳେ ଆପଣା ଶକ୍ତିମାନ୍ ଦୂତମାନଙ୍କ ସହିତ ପ୍ରଜ୍ୱଳିତ ଅଗ୍ନି ସହ ସ୍ୱର୍ଗରୁ ପ୍ରକାଶିତ ହେବେ ଓ ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କ ପ୍ରତିଫଳ ସ୍ୱରୂପ କ୍ଳେଶ ଦେବା କ୍ଳେଶ

ଭୋଗ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା, ଏହା ତ ଈଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ... ।" (୨ ଥେସ ୧:୬-୯) । ଦ୍ୱୟପକ୍ଷରେ ଲୋକଙ୍କୁ ସଦାପ୍ରଭୁ ନ୍ୟାୟ କରିବେ । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ଅତଏବ ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ବିଶ୍ରାମର ଭୋଗ କରିବାର ବାକି ଅଛି ।" (ଏବ୍ରୀ ୪:୯) । ପାଟ୍ମଦ୍ୱୀପରେ ବହିଷ୍କୃତ ପ୍ରେରିତ ଯୋହନ ଲେଖନ୍ତି, "ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶିଣିଲେ, ଲେଖ, ଯେଉଁମାନେ ଏଣିକି ପ୍ରଭୁଙ୍କଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ ଆତ୍ମା କହୁ ଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ।" (ପ୍ର.ବା. ୧୪:୧୩) । ପାତାଳ କିଅବା ଅନନ୍ତ ଯନ୍ତ୍ରଣାର ସ୍ଥାନରେ ଅଧାର୍ମିକ ଆତ୍ମାମାନଙ୍କ ବିଶ୍ରାମ ନାହିଁ । "ଏପରି ଲୋକମାନଙ୍କ ଯନ୍ତ୍ରଣାର ଧୂମ ଯୁଗେ ଯୁଗେ ଉଠୁଥିବ, ଯେଉଁମାନେ ପଶୁ ଓ ତାହାର ପ୍ରତିମାକୁ ପ୍ରଣାମ କରନ୍ତି ପୁଣି ତାହା ନାମର ଚିହ୍ନ ଗ୍ରହଣ କରନ୍ତି, ସେମାନଙ୍କର ଦିବାରାତ୍ର ବିଶ୍ରାମ ନାହିଁ ।" (ପ୍ର.ବା. ୧୪:୧୧)। ବିଶ୍ୱସ୍ତ ଖ୍ରୀଷ୍ଟିୟାନ ମାନଙ୍କ ସ୍ୱର୍ଗ ଅନନ୍ତ ବିଶ୍ରାମ ସ୍ଥାନ ।

**ମହିମାମୟ ଶ୍ରେଷ୍ଠତର ଦେଶର ଏକ ଆଭାସ :-** ଏବ୍ରୀ ପୁସ୍ତକରେ 'ଶ୍ରେଷ୍ଠତର' ବିଷୟ ଗୁଡ଼ିକର ଉପସ୍ଥାପନ କରାଯାଇଛି । ତ୍ରୟୋଦଶ ଅଧ୍ୟାୟରେ ଦ୍ୱାଦଶ ଥର । "ଶ୍ରେଷ୍ଠତର" ପଦ ବ୍ୟବହୃତ ହୋଇଅଛି । ତାହାଙ୍କ ଆଜ୍ଞାସକଳ କିପରି ଶ୍ରେଷ୍ଠତର, ତାହାଙ୍କ ପ୍ରତିଜ୍ଞା ସକଳ, ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନ କିପରି ଅନନ୍ତକାଳ ଯୀଶୁଖ୍ରୀଷ୍ଟଙ୍କ ସହବାସ କରିବେ ଏହି ପୁସ୍ତକରେ ପଢ଼ିଥାଉ । "କିନ୍ତୁ ସେମାନେ ଗୋଟିଏ ଉତ୍କୃଷ୍ଟତର, ଅର୍ଥାତ୍ ସ୍ୱର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ, ଏହେତୁ ଈଶ୍ୱର ସେମାନଙ୍କର ଈଶ୍ୱର ବୋଲି ଖ୍ୟାତ ହେବାକୁ ସେମାନଙ୍କ ସମ୍ବନ୍ଧରେ ଲଜ୍ଜିତ ନୁହନ୍ତି ।" (ଏବ୍ରୀ ୧୧:୧୬) । ଏହି ଜଗତର ଉତ୍କୃଷ୍ଟତମ ସ୍ଥାନରୁ ସ୍ୱର୍ଗ ଶ୍ରେଷ୍ଠତର ସ୍ଥାନ ସେଠାରେ କ୍ଳେଶ, ରୋଗ କିଅବା ଅଶ୍ରୁ ରହିବା ନାହିଁ । ଏପରି ସ୍ଥାନକୁ ଯିବା ନିମନ୍ତେ ଆପଣାଙ୍କ ପ୍ରାଣ କି ଆକାଂକ୍ଷିତ ? ମୋହର ପ୍ରାଣ ଏପରି ସ୍ଥାନ ନିମନ୍ତେ ଆକାଂକ୍ଷିତ ।

**ପ୍ର.ବା. ୨୧-୨୨ ଅଧ୍ୟାୟ ସୁନ୍ଦର ସ୍ୱର୍ଗର ଆଭାସ ପ୍ରକଟ କରେ :-**

ପବିତ୍ର ବାଇବଲର ଶେଷ ପୁସ୍ତକ ଶେଷ ଅଧ୍ୟାୟରେ ସ୍ୱର୍ଗର ସୁନ୍ଦର ବର୍ଣ୍ଣନା କରାଯାଇଅଛି । ଏହି ଦୁଇ ଅଧ୍ୟାୟରେ "ନୂତନ" ପଦ ଅଧିକଭାବେ ବ୍ୟବହୃତ ହୋଇଅଛି । ସେ ଏକ ନୂତନ ପୃଥିବୀ, ନୂତନ ସ୍ୱର୍ଗ ଓ ନୂତନ ଯିରୁଶାଲମ ବିଷୟରେ ଏହି ଅଧ୍ୟାୟ ଗୁଡ଼ିକରେ ଲେଖି ଅଛନ୍ତି । ସିଂହାସନୋବିଷ୍ଟ ମହାମହିମା କହନ୍ତି । "... ଦେଖ, ଆମ୍ଭେ ସମସ୍ତ ବିଷୟ ନୂତନ କରୁଅଛୁ । ଆଉ ସେ କହିଲେ, ଲେଖ, କାରଣ ଏହି ସମସ୍ତ ବିଷୟ ବାକ୍ୟ ବିଶ୍ୱାସନୀୟ ଓ ସତ୍ୟ ।" (ପ୍ର.ବା. ୨୧:୫) ।

ପ୍ରେରିତ ପାଉଲ ପବିତ୍ର ନଗରୀ ଅର୍ଥାତ୍ ନୂତନ ଯିରୁଶାଲମ ଦର୍ଶନରେ ଦେଖିଥିଲେ । ଆକାଶ ମଣ୍ଡଳ ଓ ପୃଥିବୀ ଲୋପ ପାଇଥିଲା, ପୁଣି ସମୁଦ୍ର ନଥିଲା । ଅଶ୍ରୁ କିଅବା ମୃତ୍ୟୁ ଶୋକ କି କ୍ରନ୍ଦନ ବ୍ୟଥା ଆଉ ସେଠାରେ ନଥିବ । (ପ୍ର.ବା. ୨୧:୧-୪) । ଯଦି ପୃଥିବୀରେ ଏପରି ସ୍ଥାନ ଥା'ନ୍ତା, କେତେକ ମନୁଷ୍ୟମାନଙ୍କ ଦ୍ୱାରା ଭର୍ତ୍ତି ହୋଇ ସାରିସା'ନ୍ତା । ଅସଂଖ୍ୟ ଲୋକ ମାନଙ୍କ ନିମନ୍ତେ ଛିଡା ହେବାକୁ ମଧ୍ୟ ସ୍ଥାନ ନଥା'ନ୍ତା । "ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟ କଳଙ୍କିତ ମରଘାତକ, ବ୍ୟଭିଚାରୀ, ମାୟାବୀ, ଓ ପ୍ରତିମା ପୂଜକ, ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହାହିଁ ଦ୍ୱିତୀୟ ମୃତ୍ୟୁ ।" (ପ୍ର.ବା. ୮:୨୭) । ସେଠାରେ କୌଣସି ମନ୍ଦିର ରହିବ ନାହିଁ, ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର ଓ ମେଷଶାବକ ସେଥିର ମନ୍ଦିର ସ୍ୱରୂପ ଅଟନ୍ତି । (୨୨ମ ପଦ) । ସେଠାରେ ଅନ୍ଧକାର ରହିବ ନାହିଁ, "ଆଲୋକ ନିମନ୍ତେ ସେହି ନଗରୀର ସୂର୍ଯ୍ୟ କି ଚନ୍ଦ୍ରର ପ୍ରୟୋଜନ ନାହିଁ, କାରଣ ଈଶ୍ୱରଙ୍କ ଗୌରବ ତାହାକୁ ଆଲୋକିତ କରେ ଓ ମେଷଶାବକ ସେଥିର ପ୍ରଦୀପ ସ୍ୱରୂପ ।" (୨୩ମ) । କିନ୍ତୁ ଅପରପକ୍ଷରେ ନରକରେ ଘୋର ଅନ୍ଧକାରର ସ୍ଥାନ । (ମାଥିଉ ୨୫:୩୦) । କିନ୍ତୁ ପବିତ୍ର ନଗରୀରେ ଅଭିଷକ୍ତ ବିଷୟ ରହିବ ନାହିଁ । (ପ୍ର.କା. ୨୩:୩) । ସେଠାରେ ଶୟତାନ କିଅବା ତାହାର ପ୍ରଲୋଭନ କିଅବା ଭଣ୍ଡ ଭାବବାଦୀ ଆଉ ରହିବେ ନାହିଁ । ସେମାନେ ସମସ୍ତେ ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ହେବେ । (ପ୍ର. ବା. ୧୯ ଓ ୨୦ ପର୍ବ) ।

ପ୍ରେରିତ ଯୋହନ ଦର୍ଶନରେ ପବିତ୍ର ନଗରୀ ଦେଖିଥିଲେ । ସେହି ପବିତ୍ର ନଗରୀ ଧାର୍ମିକମାନଙ୍କ ନିବାସ ସ୍ଥାନ (୨ ପିତର ୩:୧୩) । ଆଧୁନିକ ଯୁଗର ଆମ୍ଭମାନଙ୍କ ଜଗତରେ ନଗରୀମାନଙ୍କରେ ପବିତ୍ରତା ଓ ଧାର୍ମିକତାର ଅଭାବ ବିନଷ୍ଟ । କିନ୍ତୁ ଚତୁଷ୍କୋଣ ସ୍ୱର୍ଗୀୟ ଯିରୁଶାଲମ, ଯାହାର ନିର୍ମାଣକର୍ତ୍ତା ସ୍ୱୟଂ ପରମେଶ୍ୱର ଅଟନ୍ତି, ସେଠାରେ ପବିତ୍ରତା ଓ ଧାର୍ମିକତା ବାସ କରେ । (ଏବ୍ରୀ ୨୧:୧୬), ଏବ୍ରୀ ୧୧:୧୦ । ପ୍ରେରିତ ଯୋହନ ନୂତନ ଯିରୁଶାଲମକୁ, ଆପଣା "ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ୍ୟ ପ୍ରସ୍ତୁତା" ହୋଇ ସ୍ୱର୍ଗରୁ ଅବତରଣ କରିବା ଦେଖିଲେ । (ପ୍ର.ବା. ୨୧:୨) । ବିବାହ ଦିନରେ କନ୍ୟା କେତେ ସୁନ୍ଦରଭାବେ ସୁସଜ୍ଜିତା ହୋଇଥାଏ । ସେହି ରୂପେ ମଣ୍ଡଳୀ ଆପଣା ସ୍ୱାମୀରୂପ ଖ୍ରୀଷ୍ଟଙ୍କ ନିମନ୍ତେ ସୁସଜ୍ଜିତା ରହିବେ । ଭରସାର କେତେ ସୁନ୍ଦର ଦୃଶ୍ୟ ।

**ମହିମାମୟ ସହଭାଗିତାର ଆଭାସ :-** ମୋ ମତରେ ଏହା ଏକ ସୁବର୍ଣ୍ଣ ସୁଯୋଗ । ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସହ ସହଭାଗିତା । "...ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ ।" (ପ୍ର.ବା. ୨୧:୧୩) । ଏତପୂର୍ବ ପୃଷ୍ଠାରେ

ଯୋହନ ଲେଖନ୍ତି, "ସେଥିପାଇଁ ସେମାନେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଥାଇ ଦିବାରାତ୍ର ତାହାଙ୍କର ଉପାସନା କରନ୍ତି, ପୁଣି ସିଂହାସନ ଉପବିଷ୍ଟ ବ୍ୟକ୍ତି ସେମାନଙ୍କର ଆଶ୍ରୟସ୍ୱରୂପେ ହେବେ ।" (ପ୍ର.ବା. ୭:୧୫) । ପରମେଶ୍ୱରଙ୍କ ମେଷଶାବକ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ସହଭାଗିତା ପ୍ରାପ୍ତ ହେବ । ସେ ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କରିବା ନିମନ୍ତେ ପ୍ରତିଜ୍ଞା କରି ଅଛନ୍ତି । (ଯୋହନ ୧୪:୩) । ସେ ତାହାଙ୍କ ବିଶ୍ୱସ୍ତ ଅନୁଚର ମାନଙ୍କୁ ତାହାଙ୍କ ମହିମାର ଅଂଶୀଦାର କରିବେ । (ଯୋହନ ୧୭:୨୪) । ଏହି ସ୍ଥିତିକୁ ପ୍ରେରିତ ପାଉଲ ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖନ୍ତି, "...ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ନୀତ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେସ ୪:୧୭) । ଏହି ବାକ୍ୟ ଦ୍ୱାରା ସେ, କ୍ଲେଶ ଭୋଗୁଥିବା ଥେସଲନୀରେ ଥିବା ଖ୍ରୀଷ୍ଟିୟାନ ମାନଙ୍କୁ ସାନ୍ତ୍ୱନା ଦୋଇଥିଲେ । ସେଠାରେ ପବିତ୍ର ଆତ୍ମାଙ୍କ ସହ ଓ ଯେଉଁ ଦୂତମାନେପାପରେ ପତିତ ନହୋଇ ପୂର୍ବସ୍ଥିତିରେ ରହି ଆସୁଅଛନ୍ତି, ସେମାନଙ୍କ ସହ ସହଭାଗିତା ପ୍ରାପ୍ତ ହେବା । ଆମ୍ଭମାନଙ୍କ ଧାର୍ମିକ ପିତୃପୁରୁଷ, ଧାର୍ମିକ ଯିହୁଦୀ ଓ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ମାନଙ୍କ ସହ ଆମ୍ଭମାନଙ୍କ ସହଭାଗିତା କେତେ ଆନନ୍ଦମୟ ଓ ସନ୍ତୋଷଦାୟକ । ଏପରି ମହତ ସହବାସ କେତେ ସୌନ୍ଦର୍ଯ୍ୟମୟ ।

**ଗୌରବମୟ ଅନନ୍ତ ନିବାସର ଆଭାସ :-** "... କିନ୍ତୁ ଧାର୍ମିକମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ ।" ବୋଲି ମାଥିଉ ୨୫:୪୬ ଯୀଶୁଖ୍ରୀଷ୍ଟକହି ଅଛନ୍ତି । ଆମ୍ଭେମାନେ ସଦାସର୍ବଦା ପ୍ରଭୁଙ୍କ ସହିତ ରହିବୁ । (୧ମ ଥେସ-୪:୧୭) । ଆମ୍ଭମାନଙ୍କ ସର୍ବପୋରିସ୍ଥଙ୍କ ପବିତ୍ର ଗୃହରେ ନିତ୍ୟ ଆନନ୍ଦ ।

ପ୍ରିୟ ପାଠକ, ଆନନ୍ଦମୟ ଧାର୍ମିକ ସ୍ଥାନରେ ନିତ୍ୟ ନିବାସ ସ୍ଥାନରେ ଆପଣଙ୍କ ଆତ୍ମା ନିବାସ କରିବାକୁ କି ଆପଣ ଇଚ୍ଛୁକ ନୁହନ୍ତି ? ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କଲେ, ବିଶ୍ୱାସ, ମନପରିବର୍ତ୍ତନ କର । ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି ବାପ୍ତିଜିତ ହୁଅ ହୋଇ ଆପଣା ଆପଣା ଧୌତ କର । ଆପଣ ଯଦି ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ବିଶ୍ୱସ୍ତଭାବେ କାର୍ଯ୍ୟକର, ନିୟମିତ ଭାବେ ଉପାସନା କର ଓ ଧୌର୍ଯ୍ୟ ସହ ମରଣ ପର୍ଯ୍ୟନ୍ତ କିଅବା ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ବିଶ୍ୱସ୍ତ ରୁହ । ଆମ୍ଭେମାନେ ପଢ଼ିବା ଠାରୁ, ବ୍ୟକ୍ତ କରିବାଠାରୁ ଅତ୍ୟାଧିକ ଭାବେ ସୌନ୍ଦର୍ଯ୍ୟମୟ ସ୍ଥାନ । ଆପଣଙ୍କ ସହ ସେଠାରେ ଦେଖା ହେବ ।

- Rebert R. Taylor Jr.

❋ ❋ ❋

Edited & Published by : Kabita & Joshua Gootam

# SERVANT OF GOD

**TEXT:**

"James, a servant of God and of the Lord Jesus Christ, to the twelve tribes which are scattered abroad, greeting (Jam. 1:1)".

**Thesis:** To study the nature and character of the servant of God.

**Introduction:**

1. Even though James was the half-brother of Christ he described Himself as the servant of God (Jam. 1:1).
2. The word servant is from the Greek word doulos, a term translated into English, means one "who gives oneself up wholly to another will."
3. In this lesson we shall see five aspects of servant of God.

A. Qualifications of the servant of God.
B. Behavioral rules for the servant of God.
C. Responsibility of a servant of God.
D. Biblical examples of servants of God.
E. A Christian is always a servant of God.

**Discussion:**

I. Qualifications of the servant of God.

1. A servant of God should be able to endure hardship (2Ti.2:3)
2. To be able to study the word of God (2Ti.2:15a)
3. He should not be ashamed (2Ti.2;15b).
4. He should be able to rightly divide the word of God (2Ti.2:15e)

II. Behavioral rules for the servant of God.

1. The servant of the Lord must not strive ((2Ti.2:24a)
2. A servant of God should be gentle unto all men (2Ti.2:24b).
3. Ready to be able to teach any time (2Ti.2:24c)
4. Be very patient with people (2Ti.2:24d).
5. He should shun profanity and useless chatter (2Ti.2:16).
6. Sincere and blameless till the return of Christ (Php. 1:10).

III. Responsibilities of a servant of God.

1. Instructing those that oppose themselves (2Ti.2:25a).
2. Hoping on God to give them an opportunity to repent (2Ti.2:25b).
3. Ready to preach the gospel (Rom. 1:15).

IV. Biblical examples of men that were used by the Lord to do His task.

1. Bible gives great examples of men that have been called as the servants of God.
2. The Old Testament speaks of the servants of God that were sent by the Lord.

A. The lord speaks through Jeremian and reminds the Israelites that He sent His servants to them (Jer. 7:25).
B. Surely the Lord God will do nothing, but he revealeth his secret unto his servants the prophets (Amos 3:7)
C. The Lord spoke to Joshua after Moses had died to lead the people of Israel (Jos. 1:2).

3. The New Testament speaks of the servants of God that worked diligently for Jesus Christ and the Lord.

A. Paul identified himself and Titus as the servants of Jesus Christ (Php. 1:1).

B. Peter identified himself as an apostle and servant of Jesus Christ (2Pe. 1:1).

C. James identified himself as the servant of Jesus Christ and the Lord (Jam. 1:1).

V. A Christian is always a servant of God.

1. Christians are bought with a price (1 Cor 7:23).

2. Christians are servants of God by virtue of redemption (1 Cor. 6:19,20).

3. Christians are free from worry as the master Himself has promised to take care of our wages (Matt. 6:33).

**Conclusion :**

1. The word servant is from the Greek word doulos, a term translated into English, means one "who gives oneself up wholly to another will.
2. Scriptural qualifications of a servant of the Lord.
3. Scriptural rules regarding the behavior of a servant of the Lord.
4. Responsibilities of a servant of the Lord from the scriptures.
5. Biblical examples of men that were identified by God as His servants in the Old Testament.
6. Examples of men in the New Testament who self-identified themselves as servants of God and Jesus Christ.
7. Christians are servants of God by virtue of redemption.

Ronnie Gootam

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)